DHARITRI.COM

Vol VIII Issue No.168 Monday, 18 June 2007




Looking Property in Orissa
gharabari.com

previous || next

# କେବିକେରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆଶା ମଉଳିଲା

Click to enlarge text: A A A A

ଭୁବନେଶ୍ୱର, ୧୭।୬(ବ୍ୟୁରୋ)-ଦେଶର ସବୁଠାରୁ ଅନୁନ୍ନତ ତଥା ଆଦିବାସୀ ବହୁଳ ଅଞ୍ଚଳ ଭାବେ ପରିଗଣିତ କେବିକେରେ ଶିକ୍ଷାର ବିକାଶ ଲାଗି ଏକ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଓଡ଼ିଶାର ଆଶା ଏବେ ମଉଳି ଯାଇଛି । କେନ୍ଦ୍ର ସରକାର ଏହି ଆଦିବାସୀ ବିଶ୍ୱବିଦ୍ୟାଳୟ ମଧ୍ୟପ୍ରଦେଶର ଅମରକଂଟକଠାରେ ପ୍ରତିଷ୍ଠା କରିବେ ବୋଲି କ୍ୟାବିନେଟରେ ନିଷ୍ପତ୍ତି ନେଇଛନ୍ତି । ଏହାର ନାମ ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଟ୍ରାଇବାଲ ୟୁନିଭର୍ସିଟି ରଖାଯାଇଛି । ଓଡ଼ିଶା ଜନସଂଖ୍ୟାର ୩୮ ପ୍ରତିଶତରୁ ଊର୍ଦ୍ଧ୍ୱ ହେଉଛନ୍ତି ଆଦିବାସୀ । କେବିକେ ଅଞ୍ଚଳରେ ମୁଖ୍ୟତଃ ଆଦିବାସୀଙ୍କ ସଂଖ୍ୟା ଅଧିକ । ଏ ଅଞ୍ଚଳରେ ସାକ୍ଷରତା ହାର ୫୦ ପ୍ରତିଶତରୁ ବହୁତ କମ୍ । ଶିକ୍ଷାର ବିକାଶ ନ ହେଲେ ଲୋକମାନଙ୍କ ଆର୍ଥିକ ସ୍ଥିତିର ଉନ୍ନତି ହେବନାହିଁ । ଏହାକୁ ଲକ୍ଷ୍ୟ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୫ ଅକ୍ଟୋବର ମାସରେ କେବିକେରେ କେନ୍ଦ୍ରୀୟ ଆଦିବାସୀ ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ମାନବ ସମ୍ବଳ ବିକାଶ ମନ୍ତ୍ରୀ ଅର୍ଜୁନ ସିଂଙ୍କୁ ଅନୁରୋଧ କରିଥିଲେ । ଓଡ଼ିଶାରେ ଗୋଟିଏ ହେଲେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ନ ଥିବାରୁ କେବିକେ ପ୍ରତି ଅଧିକ ଦରଦ ଥିବା ବିଷୟ କହି ଆସୁଥିବା କଂଗ୍ରେସ ନେତୃତ୍ୱାଧୀନ ଉପା ସରକାର ଏହି ଦାବିକୁ ଗ୍ରହଣ କରିନେବେ ବୋଲି ଆଶା କରାଯାଉଥିଲା । ହେଲେ ଗତ ୧୫ ତାରିଖ କେନ୍ଦ୍ର କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଓଡ଼ିଶାର ଆଶା ମଉଳାଇ ଦେଇଛି । ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି ଯେ, ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଟ୍ରାଇବାଲ ୟୁନିଭର୍ସିଟି ପ୍ରତିଷ୍ଠା ଲାଗି ଏକ ବିଲ୍ ପାର୍ଲାମେଂଟରେ ଉପସ୍ଥାପନ କରାଯିବ । ଏଥିରେ ପାଠପଢ଼ା ସହ ଆଦିବାସୀ କଳା, ସଂସ୍କୃତି, ଐତିହ୍ୟ, ପରମ୍ପରା, ଭାଷା, ଔଷଧୀୟ ବ୍ୟବସ୍ଥା, ଜଙ୍ଗଲ ଭିତ୍ତିକ ଅର୍ଥନୈତିକ କାର୍ଯ୍ୟକ୍ରମ ଏବଂ ପ୍ରାକୃତିକ ସମ୍ପଦ ଉପରେ ବୈଷୟିକ ଜ୍ଞାନ ପ୍ରଦାନ ପ୍ରଭୃତି ବିଷୟରେ ଗବେଷଣା କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଉଚ୍ଚ ତଥା ବୈଷୟିକ ଶିକ୍ଷା କ୍ଷେତ୍ରରେ କେନ୍ଦ୍ର ସରକାର ସବୁବେଳେ ଓଡ଼ିଶାକୁ ଅବହେଳା କରି ଚାଲିଛନ୍ତି ।

previous || next

**Top 10 Ranked British MBA**
The University of Wales Online MBA at Robert Kennedy College, Zurich wales.college.ch

Ads by Google Advertise on this site
©2004 Dharitri All Rights Reserved.
Send all feedback / comments to **webmail@dharitri.com**.
Advertisement inquiries contact **advt@dharitri.com**.